The Statesman Sun, 17 Augu https://epap

# CUO partners COATS for tribal research & development

STATESMAN NEWS SERVICE
KORAPUT, 16 AUGUST:

The Central University of Odisha (CUO) and the Council of Analytical Tribal Studies (COATS) have entered into a three-year initiative to foster joint initiatives in tribal research, academic exchange, and development.

The agreement, signed at the Vice-Chancellor's chamber in Sunabeda, is aimed at promoting socio-economic and cultural advancement of tribal communities, particularly in the Scheduled Areas of Odisha, with a focus on the KBK region , said Prof. P.C. Mohapatro , Director , COATS , Koraput .

The MoU was signed by Prof. N.C. Panda, Acting Vice-Chancellor of CUO, and Dr. P.C. Mohapatro, Director of COATS, in the presence of senior officials and faculty members from both institutions.

Prof. Panda stated "This collaboration is a timely initiative that will empower both institutions to contribute meaningfully to the development and welfare of tribal life and livelihood in Koraput and beyond," he noted.

The partnership underscores a shared commitment to addressing the challenges faced by marginalized tribal groups through targeted research, knowledge-sharing, and community-based development efforts.

Several workshops and seminars on the issues of tribal identity & development were held in the past in joint collaboration of both this institution in the past .

The Statesman Sun, 17 Augu https://epap

THE SAKALA
Jeypore - 18 Aug 2025 - Page 4

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କୋଟସ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

କୋରାପୁଟ,୧୭।୮ (ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କୋଟସ ମଧ୍ୟରେ ଏକ ତିନି ବର୍ଷିଆ ଏମଓୟୁ କୁଳପତିଙ୍କ କାର୍ଯ୍ୟାଳୟ କକ୍ଷରେ ସ୍ୱାକ୍ଷରିତ ହୋଇଯାଇଛି। ଓଡ଼ିଶାର ଅନୁସୂଚିତ ଅଞ୍ଚଳ ବିଶେଷକରି କେବିକେ ଜିଲ୍ଲାଗୁଡ଼ିକରେ ବସବାସ କରୁଥିବା ଜନଜାତି ଲୋକମାନଙ୍କ ଉପରେ ଗବେଷଣା, ବିକାଶମୂଳକ ପ୍ରୟାସ ଓ ଶିକ୍ଷାଗତ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବା ଏହି ଏମଓୟୁର ଉଦ୍ଦେଶ୍ୟ ବୋଲି ଜଣାପଡିଛି। ଆଗାମୀ ତିନି ବର୍ଷ ପରେ ଦୁଇ ପକ୍ଷର ସହମତିରେ ଆଉ ତିନି ବର୍ଷ ପାଇଁ ନବୀକୃତ କରାଯାଇପାରିବ। ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍‌.ସି. ପଣ୍ଡା ଓ କୋଟସର ନିର୍ଦ୍ଦେଶକ ଡ଼ଃ ପି.ସି. ମହାପାତ୍ର ହସ୍ତାକ୍ଷର କରିଥିଲେ। ଏହି ଅବସରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅର୍ଥଅଧିକାରୀ ଓ ଭାରପ୍ରାପ୍ତ କୁଳସଚିବ ଡ଼ଃ ଦୁର୍ଯ୍ୟୋଧନ ସେଠି, ସାମାଜଶାସ୍ତ୍ର ବିଭାଗ ମୁଖ୍ୟ ଡ଼ଃ କପିଳ ଖେମୁଣ୍ଡୁ, ଲୋକ ସମ୍ପର୍କ ଅଧିକାରୀ ଡ଼ଃ ଫଗୁନାଥ ଭୋଇ, କୋଟସର ଡ଼ଃ ଜଗବନ୍ଧୁ ସାମଲ, ପ୍ରଫେସର ମାଗୁଣି ଚରଣ ବେହେରା, ଡ଼ଃ ପ୍ରଦୀପ କୁମାର ବେହେରା, ଗୋପୀନାଥ ପ୍ରଧାନ, ଡ଼ଃ ଅଶୋକ କୁମାର ନନ୍ଦ, ଡ଼ଃ ସାବିତ୍ରୀ ମାଝି ଓ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ସିୟୁଓ-କୋଟ୍‌ସ ମଧ୍ୟରେ ୩ବର୍ଷର ଅନୁବନ୍ଧନ



କୋରାପୁଟ,୧୭/୮(ଇମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କାଉନସିଲ୍ ଅଫ୍ ଆନାଲିଟିକାଲ୍ ଟ୍ରାଇବାଲ୍ ଷ୍ଟଡିଜ୍ ମଧ୍ୟରେ ତିନିବର୍ଷର ଅନୁବନ୍ଧନ କୁଳପତିଙ୍କ କାର୍ଯ୍ୟାଳୟରେ ସ୍ୱାକ୍ଷରିତ ହୋଇଯାଇଛି। ଏହି ଅନୁବନ୍ଧନର ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଅନୁସୂଚିତ ଅଞ୍ଚଳ, ବିଶେଷକରି କେବିକେ ଜିଲ୍ଲାଗୁଡ଼ିକରେ ବସବାସ କରୁଥିବା ଜନଜାତିଙ୍କ ଉପରେ ଗବେଷଣା, ବିକାଶମୂଳକ ପ୍ରୟାସ ଓ ଶିକ୍ଷାଗତ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା। ଏହି ଏମଓୟୁ ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ ବୈଧ ରହିବ ଏବଂ ଉଭୟ ପକ୍ଷର ସହମତିରେ ଆଉ ତିନିବର୍ଷ ପାଇଁ ନବୀକରଣ କରାଯାଇପାରିବ। ଏହି ଏମଓୟୁରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍‌ସି. ପଣ୍ଡା ଓ କୋଟସର ନିର୍ଦ୍ଦେଶକ ଡ. ପିସି ମହାପାତ୍ର ହସ୍ତାକ୍ଷର କରିଥିଲେ। ଏହି ଅବସରରେ ଅର୍ଥ ଅଧିକାରୀ ଓ ଭାରପ୍ରାପ୍ତ କୁଳସଚିବ ଡ. ଦୁର୍ଯ୍ୟୋଧନ ସେଠୀ, ସାମାଜଶାସ୍ତ୍ର ବିଭାଗ ମୁଖ୍ୟ ଡ. କପିଳ ଖେମୁଣ୍ଡୁ, ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, କୋଟସର ଡ. ଜଗବନ୍ଧୁ ସାମଲ, ପ୍ରଫେସର ମାଗୁଣିଚରଣ ବେହେରା, ଡ. ପ୍ରଦୀପ ବେହେରା, ଗୋପୀନାଥ ପ୍ରଧାନ, ଡ. ଅଶୋକ ନନ୍ଦ, ଡ. ସବିତ୍ରୀ ମାଝି ପ୍ରମୁଖଙ୍କ ସମେତ ଅଧ୍ୟାପକ, କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରଫେସର ପଣ୍ଡା କହିଥିଲେ, 'ଏହି ସହଯୋଗ ଜନଜାତି ଅଭିଯାନ ଓ ସାମାଜିକ ବିଜ୍ଞାନ ଗବେଷଣାକୁ ସୁଦୃଢ଼ କରିବ। ଏହା ଜନଜାତି ସଂସ୍କୃତି ଓ ପରମ୍ପରା ରକ୍ଷା ସହ ତାଙ୍କ ଆର୍ଥିକ ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ହେବ। ଏହି ଅନୁବନ୍ଧନ ଦ୍ୱାରା ଜନଜାତି ଗୋଷ୍ଠୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ଗବେଷଣା ସହ ଉନ୍ନତୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ସମାଧାନ କରାଯିବା ଆଶା କରାଯାଉଛି ବୋଲି ଲୋକସମ୍ପର୍କ ଅଧିକାରୀ ଡ. ଭୋଇ କହିଛନ୍ତି।

୧୦୫ ବର୍ଷର ପ୍ରକାଶନ
ଦୈନିକ ସଂସ୍କରଣ : ଆର୍.ଏନ୍.ଆଇ ନଂ. ୪୦୦୫/୫୭
ପି.ଆର୍. ନଂ. ସିକେ(ସି)/୧୭/୨୦୨୪-୨୦୨୬
105 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2024-2026

- କୋରାପୁଟ, ସୋମବାର ୧୮ ଅଗଷ୍ଟ ୨୦୨୫
- Koraput, Monday 18 August 2025
- ଆଜି ସିଂହ ୨ ଦିନ, ୧୪୩୨ ସାଲ
- ଶ୍ରାବଣ ୨୭ ଦିନ, ୧୯୪୭ ଶକାବ୍ଦ, କୃଷ୍ଣପକ୍ଷ ଦଶମୀ
- ଭାଗ- ୯୬ ସଂଖ୍ୟା- ୨୨୫
- www.thesamaja.com
www.samajaepaper.com
www.samajalive.in

ଟ ୭.୦୦ (୧୪ ପୃଷ୍ଠା)

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE



ଏସିଆ କପ୍ ଦଳରୁ ବାଦ୍ ପଡ଼ିବେ ଏକାଧିକ ତାରକା

# ଜନଜାତି ଗବେଷଣା ଓ ବିକାଶ ପାଇଁ ଏମ୍ଓୟୁ



କୋରାପୁଟ,୧୭।୮(ସ.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କାଉନସିଲ୍ ଅଫ୍ ଆନାଲିଟିକାଲ୍ ଟ୍ରାଇବାଲ୍ ଷ୍ଟଡିଜ୍ (ସିଓଏଟିଏସ୍) ମଧ୍ୟରେ ୩ ବର୍ଷର ଅନୁବନ୍ଧନ (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି । ଏହାର ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଅନୁସୂଚିତ ଅଞ୍ଚଳ, ପୂର୍ବତନ କେବିକେ ଜିଲାଗୁଡ଼ିକରେ ବସବାସ କରୁଥିବା ଜନଜାତି ଲୋକଙ୍କ ଉପରେ ଗବେଷଣା, ବିକାଶମୂଳକ ପ୍ରୟାସ ଓ ଶିକ୍ଷାଗତ ଆଦାନ-ପ୍ରଦାନକୁ ପ୍ରୋତ୍ସାହିତ କରିବା । ଏମ୍ଓୟୁରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍.ସି. ପଣ୍ଡା ଓ କୋଟ୍ସର ନିର୍ଦ୍ଦେଶକ ଡ. ପି.ସି. ମହାପାତ୍ର ହସ୍ତାକ୍ଷର କରିଥିଲେ । ବିଶ୍ୱବିଦ୍ୟାଳୟର ଅର୍ଥ ଅଧିକାରୀ ଓ ଭାରପ୍ରାପ୍ତ କୁଳସଚିବ ଡ. ଦୁର୍ଯ୍ୟୋଧନ ସେଠୀ, ସାମାଜଶାସ୍ତ୍ର ବିଭାଗ ମୁଖ୍ୟ ଓ ଏମ୍ଓୟୁ ସମନ୍ୱୟକ ଡ. କପିଳ ଖେମୁଣ୍ଡୁ, ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, କୋଟ୍ସର ଡ. ଜଗବନ୍ଧୁ ସାମଲ, ପ୍ରଫେସର ମାଗୁଣିଚରଣ ବେହେରା, ଡ. ପ୍ରଦୀପକୁମାର ବେହେରା ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା
Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ
ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ
dainikasha.press
dainikasha.press
dainikasha.press
RNI NO-42004/83 | Vol. : 44/ Issue :189 | Brahmapur | Monday 18 August 2025 | ବର୍ଷ: ୪୪ / ଅଙ୍କ: ୧୮୯ | ସୋମବାର ୧୮ ଅଗଷ୍ଟ ୨୦୨୫ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ COATS ମଧ୍ୟରେ ଜନଜାତି ଗବେଷଣା ଓ ବିକାଶକୁ ଉତ୍ସାହିତ କରିବା ପାଇଁ ତିନି ବର୍ଷର ଅନୁବନ୍ଧନ

ଜୟପୁର,୧୭।୦୮(ସା.ପ୍ର.): ଓଡ଼ିଶା କେନ୍ଦ୍ରୀୟ ୱିଶ୍ୱବିଦ୍ୟାଳୟ (CUO) ଓ କାଉନସିଲ୍ ଅଫ୍ ଆନାଲିଟିକାଲ୍ ଟ୍ରାଇବାଲ୍ ଷ୍ଟଡିଜ୍? (COATS) ମଧ୍ୟରେ ଏକ ତିନି ବର୍ଷର ଅନୁବନ୍ଧନ (MoU) ଦିନାଙ୍କ ୧୪ ଅଗଷ୍ଟ ୨୦୨୫ରେ CUO ର ମାନ୍ୟନୀୟ କୁଳପତିଙ୍କ କାର୍ଯ୍ୟାଳୟ କକ୍ଷରେ ସ୍ୱାକ୍ଷରିତ ହୋଇଯାଇଛି। ଏହି ଅନୁବନ୍ଧନର ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଅନୁସୂଚିତ ଅଞ୍ଚଳ, ବିଶେଷକରି ପୂର୍ବତନ KBK ଜିଲ୍ଲାଗୁଡ଼ିକରେ ବସବାସ କରୁଥିବା ଜନଜାତି ଲୋକମାନଙ୍କ ଉପରେ ଗବେଷଣା, ବିକାଶମୂଳକ ପ୍ରୟାସ ଓ ଶିକ୍ଷାଗତ ଆଦାନ-ପ୍ରଦାନ କୁ ପ୍ରୋତ୍ସାହିତ କରିବା। ଏହି ଗଜୁଟ ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ ବୈଧ ରହିବ ଓ ଦୁହିଁ ପକ୍ଷର ସହମତିରେ ଆଉ ତିନି ବର୍ଷ ପାଇଁ ନବୀକୃତ କରାଯାଇପାରିବ।



MoU ରେ CUO ର ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍.ସି. ପଣ୍ଡା ଓ COATS ର ନିର୍ଦେଶକ ଡ଼ଃ ପି.ସି. ମହାପାତ୍ର ହସ୍ତାକ୍ଷର କରିଥିଲେ। ଏହି ଅବସରରେ CUO ର ଅର୍ଥ ଅଧିକାରୀ ଓ ଭାରପ୍ରାପ୍ତ କୁଳସଚିବ ଡ଼ଃ ଦୁର୍ଯ୍ୟୋଧନ ସେଠି, ସାମାଜଶାସ୍ତ୍ର ବିଭାଗ ମୁଖ୍ୟ ଓ MoU ସମନ୍ୱୟକ ଡ଼ଃ କପିଳ ଖେମୁଣ୍ଡୁ, ଲୋକ ସମ୍ପର୍କ ଅଧିକାରୀ ଡ଼ଃ ଫଗୁନାଥ ଭୋଇ, COATS ର ଡ଼ଃ ଜଗବନ୍ଧୁ ସାମଲ, ପ୍ରଫେସର ମାଗୁଣି ଚରଣ ବେହେରା, ଡ଼ଃ ପ୍ରଦୀପ କୁମାର ବେହେରା, ଶ୍ରୀ ଗୋପୀନାଥ ପ୍ରଧାନ, ଡ଼ଃ ଅଶୋକ କୁମାର ନନ୍ଦ, ଡ଼ଃ ସବିତ୍ରୀ ମାଝି ଓ ଅନ୍ୟାନ୍ୟ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ପ୍ରଫେସର ପାଣ୍ଡା କହିଥିଲେ, 'ଏହି ସହଯୋଗ ଜନଜାତି ଅଭିଯାନ ଓ ସାମାଜିକ ବିଜ୍ଞାନ ଗବେଷଣାକୁ ସୁଦୃଢ କରିବ। ଏହା ଜନଜାତି ସଂସ୍କୃତି ଓ ପରମ୍ପରା ରକ୍ଷା ସହ ତାଙ୍କର ଆର୍ଥିକ ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ହେବ। ସେ ଏହି ଅନୁବନ୍ଧନକୁ ସମୟୋପଯୁକ୍ତ ଓ ଆବଶ୍ୟକ ଭାବେ ବର୍ଣ୍ଣନା କରି କହିଲେ, 'ଏହା ଦ୍ୱାରା CUO ଓ COATS ଦୁହିଁ ଅନୁଷ୍ଠାନ ଏକ ସାଙ୍ଗରେ ଜନଜାତି ଜୀବନ ଓ ଜୀବିକାର ବିକାଶ ପାଇଁ କାମ କରିପାରିବେ।'

ଏହି ଅନୁବନ୍ଧନ ଦ୍ୱାରା ମାର୍ଜିନାଲ୍ ହୋଇଥିବା ଜନଜାତି ଗୋଷ୍ଠୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ଗଭୀର ଗବେଷଣା ଓ ଉନ୍ନତି କାର୍ଯ୍ୟକ୍ରମ ମାଧ୍ୟମରେ ସମାଧାନ କରାଯିବା ଆଶା କରାଯାଉଛି ବୋଲି ଲୋକସମ୍ପର୍କ ଅଧିକାରୀ ଡ଼ଃ ଫଗୁନାଥ ଭୋଇ ଜଣେଇଛନ୍ତି।

DHARITRI
ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୮/୨୦୨୫ (୧୨ ପୃଷ୍ଠା) Bhubaneswar, Monday, August 18/2025 Page 12 ₹ 7.00 | RAYAGADA
୫୧ଶ ଭାଗ ୨୬୩ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 263 ମୂଲ୍ୟ ₹୭/-

# ଜନଜାତି ଜୀବନଜୀବିକାର ବିକାଶ ଲକ୍ଷ୍ୟ

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋଟସ ମଧ୍ୟରେ ଅନୁବନ୍ଧନ

କୋରାପୁଟ,୧୭।୮ (ଅମିତାଭ ବେହେରା)

କୋରାପୁଟ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କାଉନସିଲ୍ ଅଫ୍ ଆନାଲିଟିକାଲ୍ ଟ୍ରାଇବାଲ୍ ଷ୍ଟଡିଜ୍ (କୋଟସ) ମଧ୍ୟରେ ୩ ବର୍ଷର ଅନୁବନ୍ଧନ (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଓଡ଼ିଶାର କେବିକେ ଜିଲା ଗୁଡ଼ିକରେ ବସବାସ କରୁଥିବା ଜନଜାତି ଲୋକଙ୍କ ଉପରେ ଗବେଷଣା, ବିକାଶମୂଳକ ପ୍ରୟାସ ଓ ଶିକ୍ଷାଗତ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବା ଏହି ଅନୁବନ୍ଧନର ମୂଳ ଉଦ୍ଦେଶ୍ୟ। ଏହି ବୁଝାମଣାପତ୍ର ୩ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ। ଉଭୟ ପକ୍ଷର ସହମତିରେ ଆଉ ୩ ବର୍ଷ ପାଇଁ ନବୀକୃତ କରାଯାଇପାରିବ। ଏହି ବୁଝାମଣାପତ୍ରରେ ସିୟୁଓର ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍.ସି. ପଣ୍ଡା ଓ କୋଟସ୍‌ର ନିର୍ଦ୍ଦେଶକ ଡ.ପି.ସି. ମହାପାତ୍ର ହସ୍ତାକ୍ଷର କରିଥିଲେ।



କାର୍ଯ୍ୟକ୍ରମରେ ସିୟୁଓ ଭାରପ୍ରାପ୍ତ କୁଳପତି ଏନ୍.ସି. ପଣ୍ଡା ଓ କୋଟସ୍‌ର ନିର୍ଦ୍ଦେଶକ ଡ.ପି.ସି. ମହାପାତ୍ର ଓ ଅନ୍ୟମାନେ।

ଏହି ଅବସରରେ ସିୟୁଓର ଅର୍ଥ ଅଧିକାରୀ ଓ ଭାରପ୍ରାପ୍ତ କୁଳସଚିବ ଡ.ଦୁର୍ଯ୍ୟୋଧନ ସେଠୀ, ସମାଜଶାସ୍ତ୍ର ବିଭାଗ ମୁଖ୍ୟ ଓ ଏମଓୟୁ ସମନ୍ୱୟକ ଡ.କପିଳ ଖେମୁଣ୍ଡୁ, ଲୋକସମ୍ପର୍କ ଅଧିକାରୀ ଡ.ଫଗୁନାଥ ଭୋଇ, କୋଟସର ଡ.ଜଗବନ୍ଧୁ ସାମଲ, ପ୍ରଫେସର ମାଗୁଣି ଚରଣ ବେହେରା, ଡ.ପ୍ରଦୀପ କୁମାର ବେହେରା, ଗୋପୀନାଥ ପ୍ରଧାନ, ଡ.ଅଶୋକ କୁମାର ନନ୍ଦ, ଡ.ସବିତ୍ରୀ ମାଝୀ, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଏହି ସହଯୋଗ ଜନଜାତି ଅଭିଯାନ ଓ ସାମାଜିକ ବିଜ୍ଞାନ ଗବେଷଣାକୁ ସୁଦୃଢ଼ କରିବ। ଏହା ଜନଜାତି ସଂସ୍କୃତି ଓ ପରମ୍ପରା ରକ୍ଷା ସହ ତାଙ୍କର ଆର୍ଥିକ ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ହେବ ବୋଲି ପ୍ରଫେସର ପଣ୍ଡା କହିଥିଲେ। ଏହି ଅନୁବନ୍ଧନକୁ ସେ ସମୟୋପଯୁକ୍ତ ଓ ଆବଶ୍ୟକ ଭାବେ ବର୍ଣ୍ଣନା କରିଥିଲେ। ଏହା ଦ୍ୱାରା ଜନଜାତି ଜୀବନ ଓ ଜୀବିକାର ବିକାଶ ପାଇଁ ୨ ଅନୁଷ୍ଠାନ କାମ କରିବେ ବୋଲି ଅତିଥିମାନେ ଆଶା ପ୍ରକଟ କରିଛନ୍ତି।

https://www.thestatesman.com/india/cuo-and-coats-sign-mou-to-strengthen-tribal-research-and-development-1503472484.html

Central University of Odisha and COATS Ink Three-Year MoU to Boost Tribal Research and Development | Odisha Diary, Latest Odisha News, Breaking News Odisha